oriyamusic.com
[Promoting the music of Orissa]

# ମିଛ ଦୁନିଆରେ ଗୋଟିଏ ସତ

ମିଛ ଦୁନିଆରେ ଗୋଟିଏ ସତ --୨
ଜଗନ୍ନାଥ ସେ ମୋ ଜଗନ୍ନାଥ --୨
ତାରି ପାରେ ସେହି ମାରି ପାରେ ସେହି --୨ ଗୋଟିଏ ହାତ
ଜଗନ୍ନାଥ ସେ ମୋ ଜଗନ୍ନାଥ --୨

ଗାଇ ଗାଇ ରାମାୟଣ ଶୁଣି ଶୁଣି ଗୀତା ପଢି ପଢି ଭାଗବତ ସରେ ନା ଯା କଥା --୨
ଭଜନ ଜଣାଣ ପୁଣି ପୋଥି କି ପୁରାଣ ସବୁଠାରେ ବିଜେ ସେହି ପ୍ରଭୁ ନାରାୟଣ
ସବୁଠାରେ ବିଜେ ସେହି ପ୍ରଭୁ ନାରାୟଣ
ପତିତ ଉଦ୍ଧାର ପାଇଁ ଉଡେ ଯା ନେତ ଜଗନ୍ନାଥ ସେ ମୋ ଜଗନ୍ନାଥ
ଜଗନ୍ନାଥ ସେ ମୋ ଜଗନ୍ନାଥ

ସେହି ଏକା କହିଥିଲା କୁରୁକ୍ଷେତ୍ରେ ଗୀତା ସେହି ଏକା ବରଜିଲା ସତୀ ମାତା ସୀତା --୨
ସେହି ଏକା ସହିଥିଲା ବ୍ରାହ୍ମଣ ଗୋଇଠା ସେହି ଏକା ଖାଇଥିଲା ସବରୀ ଅଇଁଠା
ସେହି ଏକା ଖାଇଥିଲା ସବରୀ ଅଇଁଠା
ଯାହାର ଇଛାରେ ଚାଲେ ସାରା ଜଗତ ଜଗନ୍ନାଥ ସେ ମୋ ଜଗନ୍ନାଥ
ଜଗନ୍ନାଥ ସେ ମୋ ଜଗନ୍ନାଥ

ମିଛ ଦୁନିଆରେ ଗୋଟିଏ ସତ --୨
ଜଗନ୍ନାଥ ସେ ମୋ ଜଗନ୍ନାଥ --୨
ତାରି ପାରେ ସେହି ମାରି ପାରେ ସେହି --୨
ଗୋଟିଏ ହାତ ଜଗନ୍ନାଥ ସେ ମୋ ଜଗନ୍ନାଥ ଜଗନ୍ନାଥ ସେ ମୋ ଜଗନ୍ନାଥ
ମିଛ ଦୁନିଆରେ ଗୋଟିଏ ସତ-- ୨ ଜଗନ୍ନାଥ ସେ ମୋ ଜଗନ୍ନାଥ --୩

-----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*